# ସେବକର ଅଗ୍ନି ପରୀକ୍ଷା

ବନ୍ଧୁଗଣ !

ଜାତୀୟ ସେବା ଯୋଜନାରେ, କାର୍ଯ୍ୟକ୍ରମ ସଂଯୋଜକ ଭାବରେ ମୋର ୩ ବର୍ଷର କାର୍ଯ୍ୟକାଳ ପୂରିଯିବ । ମୁଁ ଫେରିଯିବି ପୁଣି ଅଧ୍ୟାପନାକୁ । ମୋର କାର୍ଯ୍ୟକାଳ ଭିତରେ ଆପଣମାନଙ୍କର ସ୍ନେହ, ଶ୍ରଦ୍ଧା, ଅଜସ୍ର ସମ୍ମାନ ଓ କାର୍ଯ୍ୟଦକ୍ଷତା, ସାଧୁତା ଓ କର୍ମପ୍ରବଣତାରୁ ମୁଁ ଅନେକ କିଛି ଶିଖିଲି ଏବଂ ଆଗକୁ ଏହା ମୋର କାମରେ ଲାଗିବ ।

ମୁଁ NSS ରେ ଯୋଗ ଦେବାବେଳକୁ ମାତ୍ର ୨୩୩ଟି Nss Unit କାର୍ଯ୍ୟକ୍ରମ ଥିଲା । ବର୍ତ୍ତମାନ ୪୯୨ଟି Nss Unit ସଂପୂର୍ଣ୍ଣ କାର୍ଯ୍ୟକ୍ଷମ ଅଛି ଏବଂ ୩୮ ନୂତନ Unit ପ୍ରଦାନ କରାଯାଇଛି । ଯାହା ଚଳିତ ବର୍ଷରୁ କାର୍ଯ୍ୟ କରିବେ । ୨୦୧୫ ମସିହା ପାଇଁ Indira Gandhi National Nss Award ଏବଂ ୨୦୧୬ରେ CHSE Odisha, Nss Success Story ରେ ସମଗ୍ର ଭାରତବର୍ଷରେ ୫ଟି ରାଜ୍ୟ ମଧ୍ୟରେ ଓଡ଼ିଶା ସ୍ଥାନିତ ହେବାର ସଫଳତା ପାଇଁ ଆପଣମାନଙ୍କର ଅବଦାନ ଅବିସ୍ମରଣୀୟ । ଏତଦ୍ ବ୍ୟତୀତ ବର୍ଷାଜଳ ଅମଳ ପ୍ରଶିକ୍ଷଣ, ଗାଁକୁ ବିଜ୍ଞାନ ଯାତ୍ରା, କୃଷିକ୍ଷେତ୍ରରେ ଜୈବସାରର ଉପଯୋଗିତା, ପରିବା ଚାଷ, ଦକ୍ଷତା ବୃଦ୍ଧି ତାଲିମ, ବରଗଛ, ତାଳଗଛ, ଲିୟଗଛ ରୋପଣ, ରକ୍ତଦାନ ଓ ୧୮୫ ଘଣ୍ଟାର ସ୍ୱଚ୍ଛତା ମିଶନରେ କେନ୍ଦ୍ର ସରକାରଙ୍କଠାରୁ ପ୍ରଶଂସା ପତ୍ର ପ୍ରାପ୍ତିରେ ସହଯୋଗୀ ଓ ସହଭାଗୀ କେବଳ ଆପଣମାନେ । ଦୀର୍ଘ ୨୪ ବର୍ଷର CHSE Odisha Nss Bureau ରେ ଯାହା ସମ୍ଭବ ହୋଇନଥିଲା, ତାହା ଆପଣମାନଙ୍କର ଆତ୍ମିକ,ଆଙ୍ଗିକ ଓ ନିରଙ୍କୁଶ ସହଯୋଗରେ ସମ୍ଭବ ହୋଇଛି । ସେଥିପାଇଁ ଆପଣମାନଙ୍କୁ ଅଶେଷ ଧନ୍ୟବାଦ୍ ।

Govt. of India, Nss Manual ଅନୁଯାୟୀ ଜଣେ Programme Co-ordinatorର କାର୍ଯ୍ୟକାଳ ୩ବର୍ଷ ଏବଂ କାର୍ଯ୍ୟର ସଫଳତା ଥିଲେ ଅଧିକ ଏକବର୍ଷ ବୃଦ୍ଧି କରାଯାଇଥାଏ । ମାତ୍ର ମୋ କ୍ଷେତ୍ରରେ ତାହା ସୁପାରିଶ କରାଗଲା ନାହିଁ । ତେବେ, ସେଥିରେ ମୋର କୌଣସି ଅବଶୋଷ ନାହିଁ; କାରଣ ଇଂରାଜୀରେ ଗୋଟିଏ କଥା ଅଛି -"It matters Little, if you won or lost the game. but, it matters how you played the game." । ଦିନରେ ପେଚାକୁ ଦିଶେ ନାହିଁ ବୋଲି କ'ଣ ସୂର୍ଯ୍ୟ ନାହାନ୍ତି; ସେଥିରେ ସୂର୍ଯ୍ୟଙ୍କର କି ଦୋଷ ? Nss କାର୍ଯ୍ୟରେ ମୋର ସାଧୁତା, ସଚ୍ଚୋଟତା, ନିରପେକ୍ଷତା ଓ ସମଦୃଷ୍ଟିରେ ପ୍ରଶ୍ନବାଚୀ ସୃଷ୍ଟି ହେଲାଭଳି କାର୍ଯ୍ୟ ମୁଁ କରିନାହିଁ । ଜଣେ ଅଫିସର ଭାବରେ ଭାଷାର ସଂଯମତା, ଚରିତ୍ରର ଶାଳିନତା ଓ କାର୍ଯ୍ୟର ସ୍ୱଚ୍ଛତା ପ୍ରତି ମୁଁ ସର୍ବଦା ଧ୍ୟାନ ଦେଇ ଆସିଛି । ଆପଣମାନେ ହେଉଛନ୍ତି ମୋର ଦର୍ପଣ । ଆପଣମାନଙ୍କର ଗ୍ରହଣୀୟତା ହିଁ ମୋର ଶ୍ରେଷ୍ଠ ସଂପଦ; ଜାତୀୟ ପୁରସ୍କାରଠୁ ଅଧିକ ।

ବନ୍ଧୁଗଣ, NSS, ଏକ ମହତ କାର୍ଯ୍ୟକ୍ଷେତ୍ର । ଏଥିରେ କାର୍ଯ୍ୟ କରୁଥିବା ପ୍ରତ୍ୟେକ ବ୍ୟକ୍ତିର କଥା, କର୍ମ, ଆଚରଣ, ଉଚ୍ଚାରଣ ଓ ଚରିତ୍ର ଭିତରେ ସମନ୍ୱୟ ରହିଲେ,ବ୍ୟକ୍ତିର ବୌଦ୍ଧିକ ବିକାଶ ଘଟେ ଏବଂ ସମାଜକୁ ପ୍ରଭାବିତ କରେ । ମାତ୍ର ସେ କଥା କାହିଁ ଦିଶୁ ନାହିଁ ତ ? ସାଧୁତା, ସଚ୍ଚୋଟତା ଓ ସ୍ୱାଭିମାନୀ ହେବା, ଏକ ପ୍ରବୃତ୍ତି ଓ ପ୍ରକୃତିଗତ ମାନସିକତା । ମଲ୍ଲୀ ଓ ମାଳତୀର ବାସ୍ନା ବାରିବା ଆଖିର ନୁହଁ; ନାକର କାମ । ନାକ ନ ଥାଇ ବାସ୍ନା ଆଘ୍ରାଣ କରୁଥିବା ଲୋକମାନେ ମହତ କଥାଟି ଜାଣିବେ କେମିତି, ଜଗତକୁ ଜଣାଇବେ କିପରି ?

ଓଡ଼ିଆରେ ଗୋଟେ ଢଗ ମୋର ମନେ ପଡୁଛି -''ଲାଜ ନ ଥାଇ ଲାଜଉ ଥାଏ, ଫଟା ମୁରୁଦଙ୍ଗ ବଜାଉଥାଏ ।'' ଟ୍ରେନିଂବେଳେ, କ୍ୟାମ୍ପ ପରିଦର୍ଶନ ସମୟରେ ଆପଣମାନଙ୍କୁ ତଥା ସ୍ୱେଚ୍ଛାସେବୀମାନଙ୍କୁ ଯେଉଁମାନେ ''ଚରିତ୍ର ଗଠନ, ବ୍ୟକ୍ତିତ୍ୱ ନିର୍ମାଣ, ସାଧୁତା ଓ ନିଃସ୍ୱାର୍ଥପର ସେବା'' କଥା କହନ୍ତି, ପ୍ରକୃତରେ ସେମାନେ ସେଇୟା ନୁହଁନ୍ତି । ଗାନ୍ଧୀ ଓ ବିବେକାନନ୍ଦଙ୍କ ଫଟୋ ପଛରେ ଥାଇ କେବଳ ଫଟା ମୃଦଙ୍ଗ ବଜାଇବାରେ ଧୁରୀଣ । କଥାରେ ଅଛି - ''ଲୋକ ନ ଚିହ୍ନିବ ମିଠା କଥାରୁ, ବାବୁ ନ ଚିହ୍ନିବ ଛତା ଯୋତାରୁ । ସାଧୁ ନ ଚିହ୍ନିବ ଚିତା କଟାରୁ, ଥରେ ବୁଲିଆସ କଲିକତାରୁ ।।'' ଏମାନେ ଯେତେ ଜୋର୍‌ରେ ଫଟା ମୃଦଙ୍ଗ ବଜାଇଲେ ବି ଭଗବାନ ପ୍ରକାଶ କି ରାଧାମୋହନ ହୋଇପାରିବେ ନାହିଁ ।

ତେଣୁ ହେ ବନ୍ଧୁଗଣ ! ଗୁଣାଗୁଣର ବିଚାର, ମଲ୍ଲୀ-ମାଳତୀର ବାସ୍ନାର ପାର୍ଥକ୍ୟ ଓ ଭିନ୍ନାଭିନ୍ନ ବାଛିବାର ଦକ୍ଷତା ଆପଣମାନଙ୍କ ନିକଟରେ ସୁଦୃଢ଼ ହେଉ । ଜନତାଙ୍କର ସେବାରେ ଆପଣଙ୍କର ଉଦ୍ୟମ ସଫଳ ହେଉ । ଏକ ବଳିଷ୍ଠ ଭାରତବର୍ଷ ଗଠନରେ ଆପଣଙ୍କ ସଂକଳ୍ପୀ ଛାତ୍ରମାନଙ୍କର ଭୂମିକା ଅତୁଟ ରହୁ । ବିଗତ ତିନିବର୍ଷ ଭିତରେ ଯଦି ମୁଁ ମୋର ଅଜାଣତରେ କୌଣସି ପ୍ରକାର ଅନ୍ୟାୟ କି ଭୁଲ କରିଥିବି; ଆପଣମାନଙ୍କର ସୁଗୁଣରେ କ୍ଷମାଦେବେ ବୋଲି ଆଶା ।

25.07.2016

କାର୍ଯ୍ୟକ୍ରମ ସଂଯୋଜକ